ପ୍ରମୋଦ କୁମାର ମନ୍ତ୍ରୀ ଏବଂ ଅନ୍ୟଜଣେ

ବନାମ

ଓଡ଼ିଶା ରାଜ୍ୟ

ଜାନୁଆରୀ 27,1997

[କେ. ରାମାସ୍ୱାମୀ ଏବଂ ଜି. ଟି. ନାନାବତୀ, ନ୍ୟାୟମୂର୍ତ୍ତି ଦ୍ୱୟ]

*ଦଣ୍ଡବିଧାନ ଆଇନ :*

*ଦଣ୍ଡ ସଂହିତା, 1860 :*

*ଧାରା 302 ସହିତ 34, 304 ଭାଗ II—ହତ୍ୟା–ଦୋଷୀ ସାବ୍ୟସ୍ତକରଣ —ଆକ୍ରମଣ—ଅଭିଯୁକ୍ତଙ୍କ ଦ୍ୱାରା ମୃତକଙ୍କୁ ଟାଣିବା ନେଇ ଡାକ୍ତରଙ୍କ ଦ୍ୱାରା କୌଣସି ପ୍ରମାଣର ପୁଷ୍ଟି ନାହିଁ ସାମଗ୍ରିକ ବିବରଣୀ ଉପରେ ପ୍ରତ୍ୟକ୍ଷଦର୍ଶୀଙ୍କ ଅସଙ୍ଗତି ଥିବାର ପ୍ରମାଣ—ପି. ଡବ୍ଲ୍ୟୁ. 1 ର ଜେରାରୁ ଜଣାପଡ଼ିଛି ଯେ ଘର ବାହାରେ କୌଣସି ରକ୍ତ ଦାଗ ନଥିଲା—ଯଦି ଟଣା ହୋଇଥାଆନ୍ତା ତେବେ ରକ୍ତର ଚିହ୍ନ ଥାଆନ୍ତା—ଧାରା 304, ଭାଗ II ଅନୁଯାୟୀ ଏକ ଅପରାଧ ପାଇଁ ଆବେଦନକାରୀ ସଂଖ୍ୟା 2 ଏବଂ 3 ର ଦୋଷ ସାବ୍ୟସ୍ତକରଣ ଏବଂ ଦଣ୍ଡାଦେଶକୁ ରଦ୍ଦ କରାଯାଇଛି ।*

ଫୌଜଦାରୀ ଅପିଲ ଅଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା 127-28/1997

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ସି ଆର୍ ଏଲ୍.ଏ. ସଂଖ୍ୟା 109-110/1989 ରେ 5.4.95 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଜନରଞ୍ଜନ ଦାସ ଏବଂ କେ. ଏନ୍. ତ୍ରିପାଠୀ ।

ପ୍ରତିବାଦୀଙ୍କ ପାଇଁ ଇନ୍ଦ୍ରଜିତ ରାୟ ଏବଂ ପି. ଏନ୍. ମିଶ୍ର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରିଦିଆଯାଇଛି ।

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ନଭେମ୍ବର 8,1996 ତାରିଖର ଆଦେଶ ଅନୁଯାୟୀ ପ୍ରଥମ ଆବେଦନକାରୀ ଭିକାରୀ ବେହରାଙ୍କ ବିରୋଧରେ ଆବେଦନ ଖାରଜ କରାଯାଇଥିଲା ଏବଂ ଅବଶିଷ୍ଟ ଦୁଇ ଆବେଦନକାରୀ, ଯଥା ପ୍ରମୋଦ କୁମାର

ମନ୍ତ୍ରୀ, ଭାଗିରଥୀ ରାଉତ ସମ୍ପର୍କରେ ସୂଚନା ଜାରି କରାଯାଇଥିଲା । ଅଭିଯୋଗ ପକ୍ଷର ମାମଲା ହେଉଛି ଯେ ମେ 28,1988 ରେ ସକାଳ ପ୍ରାୟ 10.00 ସମୟରେ, ଠେଙ୍ଗା ସହିତ ସଶସ୍ତ୍ର ତିନିଜଣ ଅଭିଯୁକ୍ତ ମୃତ ବାଉରୀବନ୍ଧୁଙ୍କ ଘରେ ପ୍ରବେଶ କରିଥିଲେ । A-1 ତାଙ୍କ ମୁଣ୍ଡରେ ଦୁଇଥର ଆଘାତ କରିଥିଲେ ଏବଂ ତଳକୁ ଫିଙ୍ଗି ଦେଇଥିଲେ । ଏହା ପରେ, ତିନି ଜଣ ଅଭିଯୁକ୍ତ ମୃତକଙ୍କୁ ଘର ବାହାରକୁ ଟାଣି ନେଇଥିଲେ, ଯେତେବେଳେ ମୃତଙ୍କ ପତ୍ନୀ ଏବଂ ପୁଅ ଚିତ୍କାର କରିଥିଲେ, ସେମାନେ ସେହି ସ୍ଥାନରୁ ପଳାୟନ କରିଥିଲେ, ସକାଳ ପ୍ରାୟ 11.30 ସମୟରେ ଏଫ୍ଆଇଆର୍ ପଞ୍ଜିକୃତ ହୋଇଥିଲା ଏବଂ ତା'ପରେ ତଦନ୍ତ କରାଯାଇଥିଲା । ଆଇ. ପି. ସି. ର ଧାରା 149 ସହ ଧାରା 302 ଅନୁଯାୟୀ ଆବେଦନକାରୀ ଏବଂ ଅନ୍ୟଦୁଇଜଣଙ୍କୁ ଅଭିଯୁକ୍ତ କରାଯାଇଛି । ନିମ୍ନ ନ୍ୟାୟଳୟଗୁଡ଼ିକ ଆଇ. ପି. ସି. ଧାରା 34 ସହିତ ଧାରା 302 ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ ପାଇଁ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଆବେଦନକାରୀଙ୍କ ଦ୍ୱାରା ଆକ୍ରମଣ ସମ୍ବନ୍ଧରେ, ଅଭିଯୁକ୍ତଙ୍କ ଦ୍ୱାରା ମୃତକଙ୍କୁ ଟାଣିବା ବିଷୟରେ ଡାକ୍ତରଙ୍କ ଦ୍ୱାରା କୌଣସି ପ୍ରମାଣର ପୃଷ୍ଟି ନାହିଁ । ଏପରିକି ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟରେ ମଧ୍ୟ ସାମଗ୍ରିକ ବିବରଣୀରେ ଅସାମଞ୍ଜସ୍ୟ ରହିଛି । ଅଭିଯୁକ୍ତ ସଂଖ୍ୟା 2 ଏବଂ 3, ପି. ଡବ୍ଲ୍ୟୁ.-2 ପଛରେ ଠିଆ ହୋଇଥିଲେ । ଯଦି ପ୍ରକୃତରେ ତିନିଜଣ ଅଭିଯୁକ୍ତ ଘର ଭିତରକୁ ପ୍ରବେଶ କରିଥାନ୍ତେ, ତେବେ ସେମାନେ ସମସ୍ତେ ମୃତକଙ୍କୁ ଆକ୍ରମଣ କରିଥାନ୍ତେ । ତାହା ଅଭିଯୋଗ ପକ୍ଷର ମାମଲା ନୁହେଁ । ଏହି ପରିସ୍ଥିତିରେ, ଆବେଦନକାରୀମାନେ ମୃତକଙ୍କୁ ହତ୍ୟା କରିବା ପାଇଁ ଏ-1 ସହିତ ସମାନ ଉଦ୍ଦେଶ୍ୟ ରଖିଥିଲେ ବୋଲି ଅଭିଯୋଗ ପକ୍ଷ ଯୁକ୍ତିଯୁକ୍ତ ସନ୍ଦେହ ବାହାରେ ପ୍ରମାଣ କରିଥିବାର କୁହାଯାଇପାରିବ ନାହିଁ । ଏପରିକି ସେମାନେ ଘରେ ପ୍ରବେଶ କରି ମୃତ ବ୍ୟକ୍ତିଙ୍କୁ ଟାଣି ନେଇଯାଇଥିବା ପି. ଡବ୍ଲ୍ୟୁ.-1ର ପ୍ରମାଣ ମଧ୍ୟ ବିଶ୍ୱସନୀୟ ନୁହେଁ, କାରଣ ଜେରା ସମୟରେ ଘର ବାହାରେ କୌଣସି ରକ୍ତର ଦାଗ ନଥିବା ସ୍ୱୀକାର କରାଯାଇଛି । ଯଦି ସେଠାରେ ପ୍ରକୃତରେ ଟଣା ଓଟରା ହୋଇଥାନ୍ତା, ତେବେ ରକ୍ତର ଦାଗ ଲାଗିଥାନ୍ତା ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । ଆଇପିସି ର ଧାରା 304, ଭାଗ II ଅନୁଯାୟୀ ଏକ ଅପରାଧ ପାଇଁ ଆବେଦନକାରୀ ସଂଖ୍ୟା 2 ଏବଂ 3 ର ଦୋଷ ସାବ୍ୟସ୍ତକରଣ ଏବଂ ଦଣ୍ଡାଦେଶକୁ ରଦ୍ଦ କରାଯାଇଛି।

ଜି.ଏନ୍. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷା ରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣ ଟିପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା**
**ସଙ୍ଗୀତା ସେନାପତି**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ ,କଟକ**